ISSN -2583-147X (P),Vol.- 9, Issue No.III, June 2023
Bastabatara Pariprakash Prachee
*Peer Reviewed and Referred Research Journal*

# କେନ୍ଦୁଝରର ଗଣ୍ଡ ଜନଜାତିର ପ୍ରଚଳିତ ମକର ପର୍ବ

**ଉଜସ୍ୱିନୀ ନାଏକ**

କେନ୍ଦୁଝରର ଗଣ୍ଡ ଜନଜାତିର ଲୋକ ସଂସ୍କୃତିରେ ମକର ପର୍ବର ସ୍ଥାନ ଅତି ଉଚ୍ଚରେ । ଏହି ପର୍ବଟି ବହୁ ଆଦିମ କାଳରୁ ବହୁ ଆଡ଼ମ୍ବର ସହକାରେ ଏଠାରେ ପାଳିତ ହୋଇଆସୁଛି । କେନ୍ଦୁଝରର ଲୋକସଂଖ୍ୟାର ନବେଭାଗ ଲୋକ ଆଦିବାସୀ ଓ ହରିଜନ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଗଣ୍ଡ ଜନଜାତି ଅନ୍ୟତମ ଅଟନ୍ତି । ଏହି ଗଣ୍ଡ ଲୋକମାନେ ମୁଖ୍ୟତଃ ଚାଷ ଉପରେ ହିଁ ନିର୍ଭର କରି ଜୀବନଯାପନ କରିଥାନ୍ତି । ଧାନ, ଏମାନଙ୍କର ପ୍ରଧାନ କୃଷିଜାତ ଦ୍ରବ୍ୟ । ଏମାନଙ୍କର ଆର୍ଥିକ ଅବସ୍ଥା ଏହି ଧାନ ଉତ୍ପାଦନ ଉପରେ ହିଁ ନିର୍ଭର କରିଥାଏ । ମାର୍ଗଶୀର ଓ ପୌଷ ମାସରେ ଧାନ ଅମଳ ଶେଷ ହୋଇଥାଏ । ସେତେବେଳେ ସମସ୍ତଙ୍କ ଘରେ କିଛି ନା କିଛି ନା କିଛି ଧାନ ରହିଥାଏ । ନିଜ ଗୃହରେ ଖାଦ୍ୟଦ୍ରବ୍ୟର ପ୍ରାଚୁର୍ଯ୍ୟ ହେତୁ ମନରେ ଆନନ୍ଦ ଥାଏ । ଏହି ଆନନ୍ଦରୁ ଆନୁଷ୍ଠାନିକ ଭାବରେ ଏକ ନିର୍ଦ୍ଦିଷ୍ଟ ଦିବସରେ ସେମାନେ ପରିପ୍ରକାଶ କରିଥାନ୍ତି । ଫଳରେ ମାଘ ମାସର ପ୍ରଥମ ଦିନଟିକୁ ସେମାନେ ମକର ପର୍ବ ଭାବରେ ପାଳନ କରିଥାନ୍ତି । ସମ୍ବଲପୁରର ନୂଆଖିଆ ପର୍ବ ଓ କଟକର ଦୁର୍ଗାପୂଜା କିମ୍ବା ପୁରୀର ରଥଯାତ୍ରା ପରି କେନ୍ଦୁଝରର ମକର ପର୍ବର ଏକ ବିଶେଷ ଗୁରୁତ୍ୱ ରହିଛି । ଓଡ଼ିଶାର ବିଚ୍ଛିନ୍ନ ଜିଲ୍ଲାରେ ଲୋକେ ମକର ବୁଡ଼ ମାରି ତିଲୁଆ ଚୂଡ଼ା ଖାଇ ଏବଂ ମକର ଚାଉଳର ପ୍ରସାଦ ପାଇ ଦିବସଟିକୁ ପାଳନ କରିଥାନ୍ତି । କିନ୍ତୁ କେନ୍ଦୁଝରର ଲୋକେ ଏହାକୁ ତିନିଦିନ ଧରି ବିଶେଷ ତାତ୍ପର୍ଯ୍ୟର ସହ ପାଳନ କରି ଥାଆନ୍ତି । ମକର ପର୍ବ ଆସିବାର ମାସକ ପୂର୍ବରୁ ଏହି ଅଞ୍ଚଳର ପୁରପଲ୍ଲୀର ଲୋକମାନଙ୍କୁ ମନରେ ଏକ ଆନନ୍ଦର ଢ଼େଉ ଖେଳିଯାଏ । ଯିଏବି ସହରକୁ ଯାଇଥାଆନ୍ତି ଜୀବିକା ପାଇଁ ସମସ୍ତେ ପ୍ରାୟ ଘର ମୁହାଁ ହୋଇ ପଡ଼ନ୍ତି ଏହି ଦିନ । ମାସକ ଆଗରୁ ଗାଁକୁ ଫେରିବାର ଉତ୍ସାହ ନେଇ ଚାହିଁ ରହିଥାଆନ୍ତି । ଏହି ଆନନ୍ଦ ଉତ୍ସବର ପର୍ବଟି ପରେ ମଧ୍ୟ ମାସେ ପର୍ଯ୍ୟନ୍ତ ଲୋକଙ୍କ ମନରେ ଲିଭିନଥାଏ । ମକର ପର୍ବଟି କିପରି ଆନନ୍ଦରେ ପାଳନ କରାଯିବ, ଏହା ଗାଁ ଗଣ୍ଡାର ଲୋକମାନଙ୍କର ଗୋଟିଏ ବିଶେଷ ଅଭିଳାଷ ବୋଲି ପ୍ରତୀୟମାନ ହୁଏ । ପୌଷର ଶେଷ ଓ ମାଘ ମାସର ଆଦ୍ୟ ଭାଗରେ କେନ୍ଦୁଝରର ପୁର ପଲ୍ଲୀର ଗଗନ ପବନ ଆନନ୍ଦ ଉତ୍ସବର କୋଳାହଳରେ ମୁଖରିତ ହୋଇଉଠେ ।

ମକର ସଂକ୍ରାନ୍ତିର ଦୁଇଦିନ ଆଗରୁ ଏହି ପର୍ବ ଆନୁଷ୍ଠାନିକ ଭାବରେ ଆରମ୍ଭ ହୁଏ । ପ୍ରଥମ ଦିନଟିକୁ 'ଚାଉଳଧୂଆ' ନାମରେ ପାଳନ କରାଯାଏ । ଏହି ଦିନଟିରେ ଗାଁ ଗଣ୍ଡାର ସ୍ତ୍ରୀ ଲୋକମାନେ ହାଟ ବଜାରରୁ ନୂଆ ଟୋକେଇଟି କିଣି ଆଣିଥାଆନ୍ତି । ସେହି ଟୋକେଇରେ ଅରୁଆ ଚାଉଳ ପୂର୍ଣ୍ଣକରି ଧୋଇ ଥାଆନ୍ତି । ସେହିଦିନ ସକାଳୁ ଚାଉଳ ଧୋଇ ରଖନ୍ତି ଏବଂ ସନ୍ଧ୍ୟା ସମୟରେ ଆଦିବାସୀ ଝିଅ ବୋହୂମାନେ ଢେଙ୍କି (ଢିଙ୍କି) ଶାଳରେ ଏକତ୍ରିତ ହୋଇ ଚୂନା କୁଟନ୍ତି । ଦ୍ୱିତୀୟ ଦିନଟି ହେଉଛି 'ବାହୁଣ୍ଡି' ନାମରେ ଲୋକେ ନାମକରଣ କରିଛନ୍ତି । ଧାନ କଟାହେବା ସମୟରେ ନିଜ ଜମିରେ ଗୋଟିଏ ଧାନମେଣ୍ଟାକୁ ଛାଡ଼ି ଅନ୍ୟ ସମସ୍ତ ଧାନ କାଟି ଆଣନ୍ତି । ପରେ ଆଦିବାସୀ ଗଣ୍ଡ ଚାଷି ଭାଇମାନେ ନିଜ ନିଜ ପରିତ୍ୟକ୍ତ ଧାନ ମେଣ୍ଟାଟିକୁ ଏକ ବିଶେଷ ଆୟୋଜନ ସହକାରେ ମୂଳରୁ ଉପାଡ଼ି ମାଟି ସହ ତାକୁ ଆଣି ଘରେ ରଖିଥାଆନ୍ତି । ବାହୁଣ୍ଡି ଦିନ ସେହି ଧାନ ମେଣ୍ଟାଟିକୁ ତୁଳସୀ ଚଉରା ମୂଳରେ ରଖାଯାଏ ଏବଂ ସେଠାରେ ଯେତେ ପ୍ରକାରର ପାଇ, ପାଇଲା, କଣା, ସେରା, ତେଲଘଡ଼ି, ଘିଅଢ଼ବା ଆଦି ଗୃହରେ ଥାଏ, ସେ ସବୁକୁ ମଧ୍ୟ ସେଠାରେ ସ୍ଥାପନ କରାଯାଏ । ନିଜ ନିଜ ଘରର ସ୍ତ୍ରୀ ଲୋକମାନେ ହଳଦୀ, ତେଲ ଲଗେଇ ନଦୀ, ପୋଖରୀ ତୁଠରୁ ଗାଧୋଇ ଆସି ତୁଳସୀ ଚଉରା ମୂଳରେ ପୂଜା କରିଥାଆନ୍ତି । ଧାନମେଣ୍ଟାର ମାଟି ସହିତ ସିନ୍ଦୂର, ଚନ୍ଦନ ଗୋଳାଇ ଗୃହର ପ୍ରତ୍ୟେକ ବସ୍ତୁରେ ସେଥିରେ ଟୀକା ଲଗାଯାଇଥାଏ । ଏହା 'ବାହୁଣ୍ଡି ବନ୍ଧା' ନାମରେ ନାମିତ । ସନ୍ଧ୍ୟା ସମୟରେ ଆରିସା ପିଠା ଘରେ ଘରେ ହୁଏ । ଏହି ଆରିସା ପିଠାକୁ ମକର ପିଠା ମଧ୍ୟ କୁହାଯାଏ । ତା' ପରଦିନ ଆସି ପହଞ୍ଚିଯାଏ ମହାନ ପବିତ୍ର ମକର ପର୍ବ ।

ମକର ଦିନ ବଡ଼ି ଭୋରୁ ଉଠି ଘରର ବୁଢ଼ୀ ଲୋକମାନେ ଗୋବରକୁ ଘର ଚାରିପାଖ ଲେପ ଦିଅନ୍ତି । ତା'ପରେ ଗୋବର ପାଣି ଘର ଚାରିପାଖ ପକାନ୍ତି । ଝାଡୁ କରି ଚାରିପାଖ ସଫା

କଳାପରେ ଘରର ଅନ୍ୟ ଲୋକମାନେ ବାହାରକୁ ଯାଆନ୍ତି । ସ୍ତ୍ରୀ ଲୋକମାନେ ପୂର୍ବ ରାତିରୁ କଞ୍ଚା ହଳଦୀ, ଅଁଳା, ଗନ୍ଧାକୁ ବାଟି ରଖିଥାଆନ୍ତି । ଏସବୁ ବଟା ସହିତ ତେଲ ମିଶାଇ ନଦୀ, ପୋଖରୀରୁ ବୁଡ଼ଦେଇ ଆସନ୍ତି ଯାହାର ନାଁ ହେଉଛି 'ମକର ବୁଡ଼' । ଗାଁମାନଙ୍କରେ ପୋଖରୀ ହୁଡ଼ାରେ 'ଅଘିରା' ପୋଡ଼ା ଯାଇଥାଏ । ରାତିରୁ ଛୋଟବଡ଼ ପିଲାମାନେ ଉଠି ସ୍ନାନ ସମୟରେ ସେହି ଅଘିରାଗୁଡ଼ିକୁ ପ୍ରଜ୍ଜ୍ୱଳିତ କରିଥାନ୍ତି । ସଂକୀର୍ତ୍ତନ ସହ ସ୍ନାନ ପର୍ବ ଶେଷ ହୁଏ । ତା'ପରେ ଘରକୁ ଆସି ସମସ୍ତେ ନୂଆ ଲୁଗା ପିନ୍ଧିଥାନ୍ତି । ତିଲୁଆ, ଖସାଲଡୁ, ମକର ପିଠା, ମକର ଚାଉଳରେ ଘରେ ଘରେ ପୂଜା ହୁଏ ଏବଂ ତାକୁ ପ୍ରସାଦ ରୂପେ ସମସ୍ତେ ପାଇଥାନ୍ତି ।

ମକର ପର୍ବରେ ଘରେ ଘରେ ବହୁତ ପିଠାପଣା ହୁଏ । ସେଥିମଧ୍ୟରୁ ଅରୁଆ ଚାଉଳ ଓ ଗୁଡ଼ର ଆରିସା ପିଠା ଏବଂ ତିଳ, ନଡ଼ିଆ ପୁରଦିଆ ମଣ୍ଡା ପିଠା ପ୍ରଧାନ । ମକର ପର୍ବଟିକୁ ସାଧାରଣ ଭାବରେ କେବଳ ଖାଇବା ପିଇବା ଓ ମଉଜ ମଜଲିସ୍‌ରେ ସମୟ କଟାଇବାର ପର୍ବ ଭାବରେ ଗ୍ରହଣ କରାଯାଇଥାଏ । ଆଦିବାସୀ ଜନଜୀବନରେ ମଦ, ମାଂସ ହିଁ ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣ କରାଯାଇଥାଏ । ପୁରୁଷମାନେ ମଦ, ମହୁଲିରେ ବୁଡ଼ି ରହି ଥାଆନ୍ତି । ଏହି ମକର ସଂକ୍ରାନ୍ତିରେ କେନ୍ଦୁଝର ଏକାଧିକ ଲୋକ ଆମିଷ ଖାଇଥାଆନ୍ତି । କେବଳ ଆଦିବାସୀ ଲୋକ ନୁହଁନ୍ତି ଅନ୍ୟ ଜାତିର ଲୋକେ ମଧ୍ୟ ଆମିଷ ଭକ୍ଷଣ କରନ୍ତି । ରଜ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତି ଏହି ଦୁଇ ସଂକ୍ରାନ୍ତିରେ ଏହି ଜିଲ୍ଲାର ଲୋକେ ଆମିଷ ଖାଇଥାଆନ୍ତି । ମକର ସଂକ୍ରାନ୍ତିରେ ବର୍ତ୍ତମାନ କେନ୍ଦୁଝରରେ ଅନେକ ସ୍ଥାନରେ ମକର ମେଳା ଅନୁଷ୍ଠିତ ହୋଇଥାଏ । ମୟୂରଭଞ୍ଜରେ ମଧ୍ୟ ଲୋକମାନେ ମକର ସଂକ୍ରାନ୍ତିଟି ପାଳନ କରନ୍ତି ।

ଗଣ୍ଡ ଜାତିର ଝିଅ ବୋହୂମାନେ ସାହି ସାହି ମଧ୍ୟରେ ମକର ଚାଉଳକୁ ପରସ୍ପର ଦିଆନିଆ ହୁଅନ୍ତି । ନିଜ ପସନ୍ଦ ଅନୁସାରେ ଯାହାକୁ ବି ହେଉ ଶାଳପତ୍ରର ଚଉପତୀରେ ମକର ଚାଉଳ, ସିନ୍ଦୂର, ହଳଦୀ, ଦୁବ, ଫୁଲଦେଇ ମକର ବସନ୍ତି । ତା'ପରେ ସେମାନେ ମକର ଡକାଡକି ହୁଅନ୍ତି । ଜୀବନସାରା ଆଉ ନିଜ ମକରମାନଙ୍କର ନାଁ ଧରନ୍ତି ନାହିଁ । ବର୍ତ୍ତମାନ ମକର ମେଳା ହେଉଥିବା କେତେକ ସ୍ଥାନର ନାମ ବାରାହାଟିପୁରା, କେଶିରୀ କଣ୍ଡ, ବାରିଗାଁ, ଧାନବେଣୀ (ବାଇଜାପଡ଼ା), ଧାନବେଣୀ (ପାଟଣା), ବରବେଡ଼ା ପ୍ରଭୃତି ସ୍ଥାନମାନଙ୍କରେ ମକରମେଳା ଅନୁଷ୍ଠିତ ହୋଇଥାଏ । ଏହି ପବିତ୍ର ସ୍ଥାନମାନଙ୍କରେ ହଜାର ହଜାର ସଂଖ୍ୟାରେ ଲୋକ ମିଳିତ ହୋଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥାଆନ୍ତି ଭୀମ କୁଣ୍ଡରେ ମକର ବୁଡ଼ ଦିଆହୁଏ । ଏହି ମକର ପର୍ବରେ ହିନ୍ଦୁମାନେ ଗୁଡ଼ି ଉଡ଼ାନ୍ତି । ସେମାନେ ଏହାକୁ ଗୁଡ଼ି ଉଡ଼ା ପର୍ବ କୁହନ୍ତି । ସେହିପରି କେନ୍ଦୁଝରର ମହାନ୍ତ ସଂପ୍ରଦାୟ ଲୋକମାନେ ଟୁସୁ ଦେବୀଙ୍କର ଆରଧନା କରିଥାଆନ୍ତି । ଏହି ମକର ପର୍ବରେ ଟୁସୁ ଭସାଣୀ ମଧ୍ୟ ହୋଇଥାଏ । ବିଶେଷ ରୂପେ ମହାନ୍ତ ଜାତିର ଅବିବାହିତା ଝିଅମାନେ ଟୁସୁ ଦେବୀଙ୍କର ପୂଜା କରି ପାଣିରେ ବିସର୍ଜନ କରିବା ପାଇଁ ନାନାଦି ପ୍ରକାରର ଟୁସୁ ଗୀତ ଗାଇ ଦଳବଦ୍ଧ ହୋଇ ମେଳା ଗୁଡ଼ିକୁ ଯାଉଥାନ୍ତି ଏବଂ ସେଠାକାର ପବିତ୍ର ଜଳରେ ଟୁସୁ ଦେବୀଙ୍କୁ ବିସର୍ଜନ କରି ଥାଆନ୍ତି । ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଦଳଟି ଗୌରବ ମଣ୍ଡିତ ହୋଇଥା'ନ୍ତି ।

କେନ୍ଦୁଝରର ଗଣ୍ଡ ଆଦିବାସୀ ଗୋଷ୍ଠୀର ଲୋକମାନେ ଏକ ବିଶେଷ ପ୍ରକାରର ନାଚ କରିଥାଆନ୍ତି । ଯୁବକ ଯୁବତୀମାନେ ବିଭିନ୍ନ ରଙ୍ଗ ବେରଙ୍ଗରେ ନିଜକୁ ସଜ୍ଜିତ କରି ସାହି ସାହି ବୁଲି ନାଚ ଗୀତ କରି ଧାନ, ଚାଉଳ, ପଇସା ମାଗିଥାଆନ୍ତି । ସମସ୍ତେ ମିଶି ଯାହାସବୁ ମାଗି ଆଣନ୍ତି ତାକୁ ନେଇ ଗାଁ ମୁଣ୍ଡରେ କିମ୍ବା କାହା ଘରେ ଭୋଜିଭାତ କରିଥାଆନ୍ତି । ଏହାଦ୍ୱାରା ସମସ୍ତଙ୍କର ଏକ ପ୍ରକାର ସୁସଂପର୍କଟିଏ ଉଦ୍ରେକ ହୁଏ ମନ ଭିତରେ । କେହି କାହାର ଅନିଷ୍ଟ କରିବା କଥା ଚିନ୍ତା କରନ୍ତି ନାହିଁ । ଘଞ୍ଚ ଅରଣ୍ୟ, ସବୁଜ ବନାନୀ ମଧ୍ୟରେ ଏମାନେ ନିରୀହ, ନିଷ୍କପଟ ଭାବରେ ମିଳିତ ହୋଇ ରହିଥାଆନ୍ତି, ମକର ସଂକ୍ରାନ୍ତିରେ ବାପ ଘରୁ ଝିଅର ଶାଶୁ ଘରକୁ ଭାର ବେଭାର ପଠାଯାଏ । ବନ୍ଧୁ, ପରିଜନମାନଙ୍କ ନିକଟକୁ ମଧ୍ୟ ପିଠାପଣା ପଠାଯାଏ । ସଂପୂର୍ଣ୍ଣ ମାସଟି ବନ୍ଧୁବାନ୍ଧବଙ୍କ ଚର୍ଚ୍ଚାରେ ହିଁ କଟିଯାଏ । ତେଣୁ ଏହି ମାସଟିକୁ କେନ୍ଦୁଝର ବାସିନ୍ଦା 'ମକର ମାସ' ବୋଲି କହିଥାଆନ୍ତି । ଧନୀ, ଦରିଦ୍ର, ଉନ୍ନତ, ଅନୁନ୍ନତ ସମସ୍ତେ ଏହି ପର୍ବଟିକୁ ମାନିଥାଆନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**

ସାହୁ ନାରାୟଣ, ଓଡ଼ିଶାର ପର୍ବପର୍ବାଣୀ, ପ୍ରକାଶକ : ମିତା ପ୍ରକାଶନୀ, ବାଲୁବଜାର, କଟକ, ପ୍ରଥମ ସଂସ୍କରଣ, ୧୯୯୧

**ତଥ୍ୟ ସଂଗ୍ରହ :**

ମାନସିଂ, ଯଶୋଦା, ଗ୍ରାମ - ବଡ଼ଜିଉଳି, ଜିଲ୍ଲା - କେନ୍ଦୁଝର ।

ନାୟକ, ନିଶାକର, ଗ୍ରା- ଗେବରାବେଡ଼, ଜିଲ୍ଲା - କେନ୍ଦୁଝର

ଗବେଷିକା
ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର